# ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ

ଶିକ୍ଷା ସୌଧ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧

ସଂଖ୍ୟା : ୧୨୭୦୨ ତାରିଖ: ୧୪/୧୦/୨୩

**କନିଷ୍ଠ ଶିକ୍ଷକ (Schematic) ପାଇଁ ଆବେଦନ କରିଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନଙ୍କ ନିମନ୍ତେ ବିଶେଷ ସୂଚନା !**

- ଏହି ନିଯୁକ୍ତି ପ୍ରକ୍ରିୟା ଅର୍ନ୍ତଗତ **Computer Based Test(CBT)** ଆସନ୍ତା ତା.୦୩ ନଭେମ୍ବର,୨୦୨୩ ରିଖ ଠାରୁ ଆରମ୍ଭ ହେବ । ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନଙ୍କୁ ବିଭିନ୍ନ ପରୀକ୍ଷା ତାରିଖ ତଥା ପରୀକ୍ଷା କେନ୍ଦ୍ର ଆବଣ୍ଟନ କରାଯିବ । ପରୀକ୍ଷା ତାରିଖ ତଥା ପରୀକ୍ଷା କେନ୍ଦ୍ର ର ସବିଶେଷ ତଥ୍ୟ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ **e-Admit Card** ଜରିଆରେ ଜାଣିପାରିବେ ।
- କନିଷ୍ଠ ଶିକ୍ଷକ (Schematic) ନିଯୁକ୍ତି ନିମନ୍ତେ ପ୍ରତ୍ୟେକ ଜିଲ୍ଲାରେ **Computer Based Test(CBT)** ପରୀକ୍ଷା କରାଯିବା ପାଇଁ ପରୀକ୍ଷା କେନ୍ଦ୍ର ସ୍ଥିରୀକୃତ କରାଯାଇଅଛି ।
- ପରୀକ୍ଷା ସମ୍ବନ୍ଧୀୟ ସବିଶେଷ ସୂଚନା ଓସେପା ୱେବ ସାଇଟ୍ **osepa.odisha.gov.in** ରେ ଉପଲବ୍ଧ ଅଛି ଏବଂ ଆଗକୁ ଯେଉଁ ସବୁ ସୂଚନା ଦିଆଯିବ ତାହା ବି ଓସେପା ୱେବ ସାଇଟ୍‌ରେ ଉପଲବ୍ଧ ହେବ ।
- ପ୍ରାର୍ଥୀ / ପ୍ରାର୍ଥିନୀ ମାନଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା.୨୨.୧୦.୨୦୨୩ ରିଖ ପରଠାରୁ **e-Admit Card download** କରିବା ପାଇଁ **online link OSEPA website** ରେ ଉପଲବ୍ଧ ହେବ । ପ୍ରାର୍ଥୀ / ପ୍ରାର୍ଥିନୀ ମାନେ ଏହି **online link** ମାଧ୍ୟମରେ ସେମାନଙ୍କର **login ID** ଓ **Password** କୁ ବ୍ୟବହାର କରି **e-Admit Card download** କରିପାରିବେ ।
- **e-Admit Card** ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଓସେପା ରାଜ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ସହିତ ରାଜ୍ୟର ଅନ୍ୟ ୪ଟି ସହର ଯଥା :- ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଓ କୋରାପୁଟ ଠାରେ ୪ଗୋଟି ସହାୟତା କେନ୍ଦ୍ର **(Facilitation Centre)** ଖୋଲାଯିବ । ଏହି ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ତଥା **e-Admit Card** ସମ୍ପର୍କିତ ସବିଶେଷ ସୂଚନା ପାଇଁ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ସମସ୍ତ କାର୍ଯ୍ୟ ଦିବସରେ **Help Desk No. +917353927779** (ସକାଳ ୧୦.୦୦ଘଣ୍ଟିକା ଠାରୁ ଅପରାହ୍ନ ୫.୦୦ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ) ର ସହାୟତା ନେଇପାରିବେ । ଏତଦ୍‌ବ୍ୟତୀତ ଓସେପା ଅଫିସ କାର୍ଯ୍ୟାଳୟ ପରିସର ମଧ୍ୟରେ ଏକ ଉତ୍ସର୍ଗୀକୃତ **Help Desk** ଖୋଲାଯାଇଛି, ଯାହାକି, ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ସକାଳ ୧୦.୦୦ ଘଣ୍ଟିକା ଠାରୁ ଅପରାହ୍ନ ୫.୩୦ଘଣ୍ଟିକା ପର୍ଯ୍ୟନ୍ତ ଖୋଲା ରହିଛି । ସୂଚନା ପାଇଁ ଏହି **Help Desk** କୁ ଆପଣ ମାନେ ୦୬୭୪-୨୩୯୦୩୬୬ ରେ ଯୋଗାଯୋଗ କରିପାରିବେ ।
- ଏହା ସହିତ ଆବେଦନ କରିଥିବା ସମସ୍ତ ଭିନ୍ନକ୍ଷମ ପ୍ରାର୍ଥୀ / ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଛି କି, କନିଷ୍ଠ ଶିକ୍ଷକ **(Schematic)** ପଦବୀ ନିମନ୍ତେ ହେବାକୁ ଥିବା **CBT** ପରୀକ୍ଷାରେ ଭିନ୍ନକ୍ଷମ ପ୍ରାର୍ଥୀ / ପ୍ରାର୍ଥିନୀମାନେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ **Scribe (Computer Knowing Person)**ର ସାହାଯ୍ୟ ନେଇପାରିବେ । ଏଥିନିମନ୍ତେ ସେମାନେ **Office Memorandum F.No.34-02/2015-DD-III, dtd.29th August,2018, Government of India, Ministry of Social Justice & Empowerment, Department of Empowerment of Persons with Disabilities (Divyangjan), New Delhi** ଓ ଓଡ଼ିଶା ସରକାରଙ୍କର ପତ୍ର ସଂଖ୍ୟା **18357 dtd.17.09.2013** ରେ ଉଲ୍ଲେଖ ଥିବା **Appendix-I** ଓ **Appendix-II** ପୂରଣ କରି ପରୀକ୍ଷା ଦିନ ନିର୍ଦ୍ଧାରିତ ସମୟ ପୂର୍ବରୁ **Examination Centre Superintendent** ଙ୍କ ପାଖରେ ଦାଖଲ କରିବେ । ଏ ସମ୍ବନ୍ଧୀୟ ଆବଶ୍ୟକ ଦୁଇଗୋଟି ଫର୍ମ **Appendix-I** ଓ **Appendix-II OSEPA website** ରେ ଉପଲବ୍ଧ ଅଟେ ।
- ଯଦି କୌଣସି ଭିନ୍ନକ୍ଷମ ପରୀକ୍ଷାର୍ଥୀ **Scribe (Computer Knowing Person)** ଆଣି ନପାରିବେ, ତେବେ ସଂପୃକ୍ତ ଭିନ୍ନକ୍ଷମ ପ୍ରାର୍ଥୀ / ପ୍ରାର୍ଥିନୀମାନଙ୍କୁ ପରୀକ୍ଷା କେନ୍ଦ୍ର ତରଫରୁ **Scribe (Computer Knowing Person)** ଯୋଗାଇ ଦିଆଯିବ । ଏଥିନିମନ୍ତେ ଉଦ୍ଦିଷ୍ଟ ପ୍ରାର୍ଥୀ / ପ୍ରାର୍ଥିନୀମାନେ **Appendix-I** କୁ ପୂରଣ କରି ପରୀକ୍ଷା କେନ୍ଦ୍ରରେ ନିଶ୍ଚିତ ଭାବରେ ଦାଖଲ କରିବେ । ଏ ସମ୍ବନ୍ଧୀୟ ଫର୍ମ **OSEPA website** ରେ ଉପଲବ୍ଧ ଅଛି ।
- ଯଦି ଆପଣମାନଙ୍କୁ କୌଣସି ବ୍ୟକ୍ତି ବିଶେଷ ମିଥ୍ୟା ପ୍ରଲୋଭନ, ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦିଅନ୍ତି ଓ ଏଥିପାଇଁ ଟଙ୍କା ଦାବୀ କରନ୍ତି କିମ୍ବା ପ୍ରବର୍ତ୍ତାଇଥାନ୍ତି, ତାହା ହେଲେ ଆପଣମାନେ ତୁରନ୍ତ ନିକଟସ୍ଥ ପୋଲିସ୍ ଷ୍ଟେସନ ସହିତ ଯୋଗାଯୋଗ କରିବେ । ଏ ସମ୍ବନ୍ଧରେ ସମସ୍ତ ପୋଲିସ୍ ଷ୍ଟେସନକୁ ସୂଚିତ କରାଯାଇଛି ।

ଆସନ୍ତୁ, ଆମେ ସାବଧାନ ହେବା, ଏକ ସ୍ୱଚ୍ଛ ଓ ନିରପେକ୍ଷ ନିଯୁକ୍ତି ପ୍ରକ୍ରିୟାରେ ଅଂଶୀଦାର ହେବା ଓ ସବିଶେଷ ସୂଚନା ପାଇଁ ଅବିରତ ଭାବେ **OSEPA website** କୁ ସଦାସର୍ବଦା ସବିଶେଷ ସୂଚନା ପାଇଁ **login** କରିବା ।

ସ୍ୱା/-

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ

ଓସେପା